# ଗବେଷଣା

ଗବେଷଣା କ'ଣ ପାଇଁ ?

ଜୀବନ ପାଇଁ ନା ଜୀବିକା ପାଇଁ

ବଞ୍ଚିବାର ରାହା ଟିକକ ପାଇଁ

ନା ମୃତ୍ୟୁର ପନ୍ଥା ଖୋଜିବା ପାଇଁ । (୧)

ଗବେଷଣା କ'ଣ ପାଇଁ ? ?

କିଛି ନୂଆ ପାଇବା ଆଶାରେ

ନା କିଛି ପୁରୁଣା ହଜାଇବାର ଭୟରେ

ବ୍ୟସ୍ତ ବ୍ୟଗ୍ର ସେ ... ... ...

ସୃଷ୍ଟିକୁ ଠାବ କରିବାକୁ

ଅଥବା ବିନାଶର ଅଭିନନ୍ଦନକୁ । (୨)

ଗବେଷଣା କ'ଣ ପାଇଁ ? ? ?

ଆକାଶକୁ ଶିଡି ଲଗାଇବାକୁ

କି ସମୁଦ୍ର ମନ୍ଥନ କରିବାକୁ

କ'ଣ ହେବ ......

ଯେତେ ତୋଳିଲେ, ଗଢିଲେ, ମାପିଲେ

ସେ ତ' ଅସୀମ, ଅନନ୍ତ, ଅନାଦି

ସବୁ ପରିସୀମାର ବାହାରେ

ସବୁ ଗବେଷଣାର ବହୁ ଦୂରରେ । (୩)

ହିମାଂଶୁ ଶେଖର ବିଶ୍ୱାଳ, ୨୫-୦୫-୨୦୧୨, ଭୁବନେଶ୍ୱର, ଓଡିଶା